# India-Oman Strategic Consultative Group (IOSCG) Meeting

January 14, 2021

## ଭାରତ-ଓମାନ ରଣନୀତିକ ବିଚାର ବିମର୍ଷ ଗୋଷ୍ଠୀ (ଆଇଓଏସସିଜି) ବୈଠକ

**ଜାନୁଆରୀ 14, 2021**

ଆଜି ନୂଆଦିଲ୍ଲୀଠାରେ ଭାରତ-ଓମାନ ରଣନୀତିକ ବିଚାର ବିମର୍ଷ ଗୋଷ୍ଠୀ (ଆଇଓଏସସିଜି) ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀ ସଞ୍ଜୟ ଭଟ୍ଟାଚାର୍ଯ୍ୟ (ସିପିଭି ଏବଂ ଓଆଇଏ ବା ଦୂତାବାସ, ପାସପୋର୍ଟ ଓ ଭିସା ଏବଂ ପ୍ରବାସୀ ଭାରତୀୟ ବ୍ୟାପାର ବିଭାଗ) ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ  ନେଇଥିବାବେଳେ ଓମାନ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ମନ୍ତ୍ରଣାଳୟର କୂଟନୈତିକ ବ୍ୟାପାର ଉପସଚିବ ମାନ୍ୟବର ଶେଖ ଖଲିଫା ବିନ୍ ଅଲି ଅଲ-ହାର୍ଥିଙ୍କ ନେଇଥିଲେ। କୋଭିଡ-19 ଆରମ୍ଭ ହେବା ପରଠାରୁ ଓମାନରୁ ଭାରତକୁ ଏହା ପ୍ରଥମ ଉଚ୍ଚ ସ୍ତରୀୟ ସରକାରୀ ଗସ୍ତ।

ଉଭୟ ପକ୍ଷ ସନ୍ତୋଷ ବ୍ୟକ୍ତ କରିଛନ୍ତିଯେ କୋଭିଡ-19 ମହାମାରୀ ସତ୍ତ୍ୱେ ଉଭୟ ଦେଶ ଘନିଷ୍ଠ ସମ୍ପର୍କ ବଜାୟ ରଖିଛନ୍ତି ଏବଂ ରଣନୀତିକ ସମ୍ପର୍କକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଚେଷ୍ଟିତ ଅଛନ୍ତି। ମହାମାରୀ ସମୟରେ ଓମାନ ଭାରତୀୟ ସମୁଦାୟର ଯତ୍ନ ନେଇଥିବାରୁ ସଚିବ (ସିପିଭି ଏବଂ ଓଆଇଏ) ଓମାନ ଦଳକୁ ଧନ୍ୟବାଦ ଜଣାଇଛନ୍ତି। ଉଭୟ ଦେଶ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତିଯେ ଦୁଇ ଦେଶ ମଧ୍ୟରେ ଏୟାର ବବଲ ବ୍ୟବସ୍ଥା ଭଲ କାମ କରୁଛି। ମହାମାରୀ ସମୟରେ ଭାରତ ଓମାନକୁ ଖାଦ୍ୟ ଓ ଚିକିତ୍ସା ସାମଗ୍ରୀ ଯୋଗାଇ ଦେଇଥିବାରୁ ଓମାନ ପକ୍ଷ କୃତଜ୍ଞତା ଜଣାଇଛନ୍ତି। କୋଭିଡ-19 ଟୀକା ପାଇଁ ଓମାନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଭାରତ ସହାୟତା କରିବାକୁ ଆଶ୍ୱାସନା ଦେଇଛି।

ବିଚାର ବିମର୍ଷ ସମୟରେ ଉଭୟ ପକ୍ଷ ଭାରତ-ଓମାନ ସମ୍ପର୍କର ସମସ୍ତ ଦିଗ ଯଥା ରାଜନୈତିକ, ଶକ୍ତି, ବାଣିଜ୍ୟ, ପୁଞ୍ଜି ବିନିଯୋଗ, ପ୍ରତିରକ୍ଷା, ସୁରକ୍ଷା, ମହାକାଶ, ଖଣି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଓ ଦୂତାବାସ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଭବିଷ୍ୟତ ସମ୍ପର୍କ ବଜାୟ ରଖିବା ପାଇଁ ଉଭୟ ପକ୍ଷ ଏହି କ୍ଷେତ୍ରରେ ବିଭିନ୍ନ ଚୁକ୍ତିନାମା ଏବଂ ବୁଝାମଣା ଅନୁସରଣ କରିବେ ବୋଲି ସହମତି ହୋଇଥିଲା। କୋଭିଡ-19 ପରବର୍ତ୍ତୀ ସମୟରେ ପରିସ୍ଥିତି ସାମାନ୍ୟ ହେବାପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ପୁଞ୍ଜି ନିବେଶ ବୃଦ୍ଧି ପାଇବ ବୋଲି ସେମାନେ ଆଶା ବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ସହଯୋଗକୁ ତୀବ୍ର କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଉଭୟ ପକ୍ଷ ପାରସ୍ପରିକ ସ୍ୱାର୍ଥର ସାମ୍ପ୍ରତିକ ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ସମସ୍ୟା ଉପରେ ମଧ୍ୟ ମତ ବିନିମୟ କରିଥିଲେ।

ଆଜି ଓମାନର ଉପସଚିବଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ସ୍ୱାଗତ କରିଥିଲେ। ଓମାନ ମହାରାଜା ସୁଲତାନ ହାଇଥାମ ବିନ ତାରିକଙ୍କ ଶାସନର ପ୍ରଥମ ବାର୍ଷିକୀ ଅବସରରେ ଓମାନ ଦଳକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ।  ଭାରତ ଗସ୍ତରେ ଆସିବା ପାଇଁ ଓମାନ ମହାରାଜାଙ୍କୁ ପ୍ରଧାନମନ୍ତ୍ରୀଙ୍କର ଆମନ୍ତ୍ରଣକୁ ସେ ଦୋହରାଇଥିଲେ।  ସେ ବିଭିନ୍ନ କ୍ଷେତ୍ରରେ ଭାରତ-ଓମାନ ରଣନୀତିକ ଭାଗିଦାରୀର ନିରନ୍ତର ଦୃଢ଼ତା ପାଇଁ ଆଶା ପ୍ରକଟ କରିଥିଲେ।

ଆସନ୍ତାକାଲି ଶେଖ ଖଲିଫା ସୁଷମା ସ୍ୱରାଜ ବିଦେଶ ସେବା ସଂସ୍ଥାନ ପରିଭ୍ରମଣ କରିବେ।

**ନୂଆଦିଲ୍ଲୀ**
**ଜାନୁଆରୀ 14, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.